ଅନୁଗୋଳ ତା.6.05.2023, ଆଜି ସ୍ଥାନୀୟ କଦମ ପଡିଆ ଠାରେ ଏକ ବନ୍ଧୁତ୍ୱ ପୂର୍ଣ କ୍ରିକେଟ ମ୍ୟାଚ ଜିଲ୍ଲା ପ୍ରଶାସନ ଓ ଟାଟା ଷ୍ଟିଲ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି. ସକାଳେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ )ଶ୍ରୀ ରଜନୀକାନ୍ତ ସ୍ୱାଇଁ ଏହି ଟୁର୍ନାମେଣ୍ଟକୁ ଶୁଭ ଉଦଘାଟନ କରିଥିଲେ. ପ୍ରଥମେ ପ୍ରଶାସନ ଏକାଦଶ ଟସ ଜିତି ବ୍ୟାଟିଂ କରି ଶ୍ରୀ ଅକ୍ଷୟ ସେଠ କ୍ୟାପଟେନସିପରେ 10 ଉଇକେଟ ବିନିମୟରେ 138 ରନ ସଂଗ୍ରହ କରିଫାଇନାଲରେ ପ୍ରବେଶ କରିଥିଲେ.ବିପକ୍ଷରେ ସିଭିଲ ସୋସାଇଟିର ଶ୍ରୀ ଟିକନ ବେହେରାଙ୍କ କ୍ୟାପଟେନସିପରେ ମାତ୍ର 66ରେନ ସଂଗ୍ରହ କରିଥିଲେ. ସେହିଭଳି ଅପରାହ୍ନରେ ଟାଟା ଷ୍ଟିଲର କ୍ୟାପଟେନ ଶ୍ରୀ ଶକ୍ତିଶ୍ରୀ ଦାସ  ଏବଂ ମେଡ଼ିଆ 11ର କ୍ୟାପଟେନ ଶ୍ରୀ ସମରେଶ ନାଥଙ୍କ ଦଳ ମଧ୍ୟରୁ ମେଡ଼ିଆ 11ଟସ ଜିତି ପ୍ରଥମେ ବ୍ୟାଟିଂ କରି 85ରନ ସଂଗ୍ରହ କରିଥିବା ସ୍ଥଳେ ଟାଟା ଷ୍ଟିଲ 10 ଓଭରରୁ 86 ରନ ସଂଗ୍ରହ କରି ଫାଇନାଲରେ  ପ୍ରବେଶ କରିଥିଲେ.ଏହି ସମସ୍ତ ମ୍ୟାଚରେ ଆମ୍ପୟାର ଥିଲେ ଶ୍ରୀ ଅରୁଣ ପୁଷ୍ପାଳକ ଓ ଶ୍ରୀ ଭବ ନାରାୟଣ ମିଶ୍ର.ଉପଜିଲ୍ଲାପାଳ ଶ୍ରୀ ବୈତୁରା ଦୀପ ଏବଂ ଟାଟା ଷ୍ଟିଲର ଉପ ସଭାପତି, ଅପରେସନ, ଏନ ଏମ ବି ଏବଂ ଗ୍ରାଫିନ,ଶ୍ରୀ ସୁବୋଧ ପାଣ୍ଡେ ଓ ଉପସଭାପତି କର୍ପୋରେଟ ସର୍ଭିସେସ, ଶ୍ରୀ ଚାଣକ୍ୟ ଚୌଧୁରୀଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ସଂଚାଳିତ ହୋଇଥିଲା.ଏହା ମଧ୍ୟରେ ଆଜିର ମୁଖ୍ୟ ଅତିଥି ଆମ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ କେନ୍ଦ୍ରୀୟ ଉତ୍ତରାଞ୍ଚଳ ଡି ଆଇ ଜି ଶ୍ରୀ ବ୍ରିଜେଶ କୁମାର ରାୟ କିଛି ସମୟ ପାଇଁ କ୍ରିକେଟ ଖେଳି ସମସ୍ତଙ୍କୁ ଅମୋଦିତ କରିଥିଲେ.ଫାଇନାଲ ମ୍ୟାଚରେ ପ୍ରଥମେ ଟସ ଜିତି ପ୍ରଶାସନ ଏକାଦଶ 10ଓଭର 10 ୱିକେଟ ବିନିମୟରେ 95ରନ ସଂଗ୍ରହ କରିଥିଲେ ବିପକ୍ଷରେ ଟାଟା ଷ୍ଟିଲ 47ରନ ରେ ସମସ୍ତ ୱିକେଟ ହରାଇ ରନର୍ସଅପ ହୋଇଥିଲେ. ମ୍ୟାନ ଅଫ ଦି ମ୍ୟାଚ ଶ୍ରୀ ଗଙ୍ଗାଧର ବିଶ୍ୱାଳ , ମ୍ୟାନ ଅଫ ଦି ଟୁନାମେଣ୍ଟ ଶ୍ରୀ ଆଦିତ୍ୟ କୁମାରଙ୍କୁ ଘୋଷଣା କରାଯାଇଥିଲା.ଚମ୍ପିୟାନ ଜିଲ୍ଲା ପ୍ରଶାସନ ଓ ରନର୍ସ ଅପ ଟାଟା ଷ୍ଟିଲ ଦଳଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଟ୍ରଫି ପ୍ରଦାନ କରାଯାଇଥିଲା. ମୁଖ୍ୟ ଅତିଥି ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ସମସ୍ତ ଦଳ ଏବଂ ଟାଟା ଷ୍ଟିଲର ସହଯୋଗ ନିମନ୍ତେ ଧନ୍ୟବାଦ ଅର୍ପଣ କରିଥିଲେ.

କୈଳାଶ ଚନ୍ଦ୍ର ବେହେରା

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ.


OPPO Reno7 5G
2023.05.06 21:13


In association with
OPPO Reno7 5G
2023.05.06 21:14